ସାମ୍ପ୍ରତିକ ପରିସ୍ଥିତିରେ ଓଡ଼ିଶାର ଗଣମାଧ୍ୟମ

ମହେନ୍ଦ୍ର କୁମାର ମିଶ୍ର

ସାମ୍ପ୍ରତିକ ପରିସ୍ଥିତିରେ ଓଡ଼ିଶାର ଗଣମାଧ୍ୟମ ଏକ ନୂତନ ଧାରାରେ ଧାବମାନ ହେଉଛି । କାରଣ ସମଗ୍ର ବିଶ୍ୱର ବିଭିନ୍ନ ବିକଶିତ ଦେଶରେ ଦିନକୁ ଦିନ ଛାପା ବା ମୁଦ୍ରିତ ଗଣମାଧ୍ୟମର ପ୍ରସାରଣ କମି କମି ଯାଉଥିବାବେଳେ ଓଡ଼ିଶାରେ ଏହି ପ୍ରକାରର ଗଣମାଧ୍ୟମର ପ୍ରସାରଣ ବୃଦ୍ଧି ପାଇବାରେ ଲାଗିଛି । ସେହିପରି ସମଗ୍ର ଦେଶରେ ଏବେ ଜାତୀୟ ସ୍ତରର ବୈଦ୍ୟୁତିକ ଗଣମାଧ୍ୟମଗୁଡ଼ିକ ମଧ୍ୟରୁ ଅନେକ ବ୍ୟବସାୟିକ କ୍ଷତିରେ ଚାଲୁଥିବାବେଳେ ଦିନକୁ ଦିନ ଓଡ଼ିଆ ବୈଦ୍ୟୁତିକ ଗଣମାଧ୍ୟମର ସଂଖ୍ୟା ଆଶାଜନକ ଭାବେ ବଢ଼ିଛି । ଅନ୍ୟ ପକ୍ଷରେ ଜାତୀୟ ସ୍ତରରେ ଇଣ୍ଟରନେଟ୍ ଭିତ୍ତିକ ଗଣମାଧ୍ୟମଗୁଡ଼ିକ ସହିତ ତାଳ ଦେଇ ଓଡ଼ିଶାରେ ଓଡ଼ିଆ ଏବଂ ଇଂରାଜୀ ଭାଷାରେ ଇଣ୍ଟରନେଟ୍ ଭିତ୍ତିକ ଗଣମାଧ୍ୟମ ସଂଖ୍ୟା ବୃଦ୍ଧି ପାଇଛି । ତେଣୁ ମୋଟାମୋଟି ଭାବେ ଦେଖିବାକୁ ଗଲେ ବିଗତ ବର୍ଷଗୁଡ଼ିକ ତୁଳନାରେ ବିଶେଷ କରି ୨୦୧୦ ମସିହା ପରଠାରୁ ବିଭିନ୍ନ ଓଡ଼ିଆ ବା ଓଡ଼ିଶାରେ ସ୍ଥିତି ଗଣମାଧ୍ୟମ ଏକ ନୂତନ ଧାରା ମଧ୍ୟ ଦେଇ ପରିଚାଳିତ ହେଉଛି ।

ସାମ୍ପ୍ରତିକ ସ୍ଥିତିରେ ଛାପା ବା ମୁଦ୍ରିତ ଗଣମାଧ୍ୟମ

ସ୍ୱାଧୀନତା ପରବର୍ତ୍ତୀ ସମୟର ଓଡ଼ିଶାରେ ହାତଗଣତି ଦୈନିକ ଖବର କାଗଜ ପ୍ରକାଶ ପାଉଥିଲା । ପ୍ରାୟ ଅଶୀ ଦଶକ ପର୍ଯ୍ୟନ୍ତ ଏହି ଧାରାରେ ବିଶେଷ କିଛି ଆଖି ଦୃଶିଆ ପରିବର୍ତ୍ତନ ହୋଇ ନ ଥିଲା । ଯଦିଓ ୭୦ ଦଶକରେ ଏକାଧିକ ଦୈନିକ ସମ୍ବାଦପତ୍ର ଆତ୍ମ ପ୍ରକାଶ କରିଥିଲା, ସେମାନଙ୍କ ମଧ୍ୟରୁ ସମ୍ପ୍ରତି କେବଳ ଓଡ଼ିଆ ଦୈନିକ ସମ୍ବାଦପତ୍ର ଆଖିଦୃଶିଆ ସଫଳତା ପାଇଛି । ଏକବିଂଶ ଶତାବ୍ଦୀର ଶେଷ ଭାଗ ପର୍ଯ୍ୟନ୍ତ ଦୈନିକ ଓଡ଼ିଆ ସମ୍ବାଦପତ୍ର କ୍ଷେତ୍ରରେ ହାତଗଣତି ସମ୍ବାଦପତ୍ରଙ୍କ ଏକଚାଟିଆ ଆଧିପତ୍ୟ ଏବେ ଅନେକ ମାତ୍ରାରେ କମିଛି । କାରଣ ଗତ ଦୁଇ/ତିନିବର୍ଷ ମଧ୍ୟରେ ଆତ୍ମପ୍ରକାଶ କରିଥିବା ଖବର କାଗଜଗୁଡ଼ିକ ପାଠକମାନଙ୍କ ପାଇଁ ନୂତନ ଢାଞ୍ଚାରେ ସୂଚନା ଓ ତଥ୍ୟ ପ୍ରଦାନ କରିବା ପାଇଁ ଉଦ୍ୟମ କରିଥିଲାବେଳେ ଅନେକ କ୍ଷେତ୍ରରେ ପାଠକ ଏହାକୁ ପସନ୍ଦ ମଧ୍ୟ କରିଛନ୍ତି । ଏହା ବ୍ୟତୀତ ଅଳ୍ପ କେଇ ବର୍ଷ ତଳେ ଯେଉଁ ସମ୍ବାଦପତ୍ର ପାଠକମାନେ ପାରମ୍ପରିକ ଓ ଗତାନୁଗତିକ ଢାଞ୍ଚାରେ ପ୍ରକାଶିତ ସମ୍ବାଦପତ୍ରର କଳେବର ଏବଂ ସମ୍ବାଦ ପରିବେଷଣ ବାବଦରେ କିଛି ପରିବର୍ତ୍ତନ ଚାହୁଁଥିଲେ, ତାହା ଅନେକ ସ୍ଥଳରେ ସଫଳ ଭାବେ ପରିବର୍ତ୍ତିତ ହୋଇଛି । ଏହା ବ୍ୟତୀତ ଓଡ଼ିଶାରୁ ଏକାଧିକ ଅଣ ଓଡ଼ିଆ ଦୈନିକ ସମ୍ବାଦପତ୍ର ଆତ୍ମପ୍ରକାଶ କରିଛି ଯାହା ମଧ୍ୟରେ ଇଂରାଜୀ ଓ ହିନ୍ଦୀ ଅନ୍ୟତମ । ସେହିପରି ନିକଟରେ ଓଡ଼ିଶାରୁ ''ଆଖବର୍‌ନାମା' ନାମକ ଏକ ଉର୍ଦ୍ଦୁ ଦୈନିକ ଖବରକାଗଜ ଆତ୍ମ ପ୍ରକାଶ କରି ଉର୍ଦ୍ଦୁ ଭାଷାର ପାଠକମାନଙ୍କୁ କିଛି ମାତ୍ରାରେ ଆକୃଷ୍ଟ କରି ପାରିଛି । ସମ୍ପ୍ରତି ଆମ ରାଜ୍ୟରେ ଓଡ଼ିଆ ଦୈନିକ ଖବର କାଗଜ ଏବଂ ଅଣ ଓଡ଼ିଆ ଦୈନିକ ଖବର କାଗଜ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦିତା ଆରମ୍ଭ ହୋଇଛି ଯାହା ଗଣମାଧ୍ୟମ ପାଇଁ ଏକ ଭଲ ସୂଚନା ।

ବୈଦ୍ୟୁତିକ ଗଣମାଧ୍ୟମ

ମାତ୍ର କିଛି ବର୍ଷ ତଳେ ଏକମାତ୍ର ସରକାରୀ ଓଡ଼ିଆ ଦୂରଦର୍ଶନ ଚ୍ୟାନେଲ୍ ଓଡ଼ିଆ ବୈଦ୍ୟୁତିକ ଗଣମାଧ୍ୟମ ଭାବେ ଦର୍ଶକଙ୍କ ପାଇଁ ବିକଳ୍ପ ଥିଲା । ପରବର୍ତ୍ତୀ ସମୟରେ ଗୋଟିଏ ମାତ୍ର ଘରୋଇ ଓଡ଼ିଆ ବୈଦ୍ୟୁତିକ ଗଣମାଧ୍ୟମ ଓଟିଭି ଆତ୍ମପ୍ରକାଶ କରିଥିଲାବେଳେ ପରେ ପରେ ଇ-ଟିଭି ଏବଂ ମାତ୍ର କେଇ ବର୍ଷ ତଳେ କନକ ଟିଭି. ନକ୍ଷତ୍ର ଟିଭି. କାମୟାବ୍ ଟିଭି, ସାର୍ଥକ ଟିଭି. ଏମ୍‌ବିସି ଟିଭି, ପ୍ରାର୍ଥନା ଚ୍ୟାନେଲ୍, ତରଙ୍ଗ, ତରଙ୍ଗ ମ୍ୟୁଜିକ୍, ଲକ୍ଷ୍ୟ ଟିଭି, ଏସ୍ ଟିଭି ଆଦି ଏକାଧିକ ଓଡ଼ିଆ ଟିଭି ଚ୍ୟାନେଲ୍

ଆରମ୍ଭ ହୋଇଛି । ଏହାଦ୍ୱାରା ଓଡ଼ିଆ ଦର୍ଶକମାନେ ଏକାସାଙ୍ଗରେ ୨୪ ଘଣ୍ଟିଆ ଖବର ଚ୍ୟାନେଲ୍ ସହିତ, ମନୋରଞ୍ଜନ, ଆଧ୍ୟାତ୍ମିକ ଆଦି ବିଷୟରେ ଜାଣିବା ଓ ଦେଖିବାର ସୁଯୋଗ ପାଇଛନ୍ତି । ଏହା ଫଳରେ ଯେଉଁ ଓଡ଼ିଆ ଦର୍ଶକ ଅଣଓଡ଼ିଆ ଚ୍ୟାନେଲ୍ ଦେଖିବା ପାଇଁ ବାଧ୍ୟ ହେଉଥିଲେ, ସେହି ସ୍ଥିତିରେ ବ୍ୟାପକ ପରିବର୍ତ୍ତନ ଆସିଛି । ଆମେ ଏଠାରେ କୌଣସି ଚ୍ୟାନେଲ୍‌ର ଗୁଣାତ୍ମକ ମୂଲ୍ୟ ବା ନୈତିକତା ଉପରେ ଆଲୋଚନା କରିବା ପାଇଁ ଆବଶ୍ୟକ ମନେ ନ କରି ଏ ବାବଦରେ ଦର୍ଶକଙ୍କୁ ସେମାନଙ୍କ ପସନ୍ଦ ଉପରେ ଚିନ୍ତା କରିବା ପାଇଁ ଛାଡ଼ି ଦେଉଛୁ ।

ଇଣ୍ଟରନେଟ୍ ଗଣମାଧ୍ୟମ

ସାମ୍ପ୍ରତିକ ସ୍ଥିତିରେ ଛାପା ବା ମୁଦ୍ରିତ ଗଣମାଧ୍ୟମ, ବୈଦ୍ୟୁତିକ ଗଣମାଧ୍ୟମକୁ ବାଦ ଦେଲେ ଅନ୍ୟ ଏକ ପ୍ରମୁଖ ଗଣମାଧ୍ୟମ ଭାବେ ଇଣ୍ଟରନେଟ୍ ମାଧ୍ୟମ ଉଭା ହୋଇଛି । କାରଣ ଆଜିର ଯୁବ ପିଢ଼ି ଉପରୋକ୍ତ ତିନୋଟି ଗଣମାଧ୍ୟମ ମଧ୍ୟରୁ ଇଣ୍ଟରନେଟ୍ ମାଧ୍ୟମ ଉପରେ ଅଧିକ ନିର୍ଭରଶୀଳ ହେବା ସହିତ ଏହାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି । ଯାହାର ଫଳସ୍ୱରୂପ ଆମ ରାଜ୍ୟରେ ଥିବା ଏକାଧିକ ମୁଦ୍ରିତ ଗଣମାଧ୍ୟମ ସମେତ ବୈଦ୍ୟୁତିକ ଗଣମାଧ୍ୟମ ସେମାନଙ୍କର ଇଣ୍ଟରନେଟ୍ ସଂସ୍କରଣ ପ୍ରକାଶ କରୁଛନ୍ତି ବା ସେଗୁଡ଼ିକର ପ୍ରଚାର ଓ ପ୍ରସାର ପାଇଁ ଇଣ୍ଟରନେଟ୍ ଉପରେ ନିର୍ଭର କରୁଛନ୍ତି । ସେହିପରି ଓଡ଼ିଆ ସମେତ ଇଂରାଜୀ ଭାଷାରେ ମଧ୍ୟ ଏକାଧିକ ପୋର୍ଟାଲ୍ ଆମ ରାଜ୍ୟରେ ଆରମ୍ଭ ହୋଇଛି । ଏହି ପୋର୍ଟାଲ୍‌ଗୁଡ଼ିକ ସମ୍ବାଦ ସହିତ ବିଭିନ୍ନ ଅନ୍ୟ ବିଷୟ ଉପରେ ଉପାଦେୟ ଏବଂ ଆବଶ୍ୟକ ସୂଚନା ପ୍ରଦାନ କରୁଛନ୍ତି । ଏକ ହିସାବ ମୁତାବକ ଆସନ୍ତା ୨୦୧୫ ସୁଦ୍ଧା ଆମ ରାଜ୍ୟରେ ସବୁଠାରୁ ଅଧିକ ଅଭିବୃଦ୍ଧି ହେବାକୁ ଥିବା ଗଣମାଧ୍ୟମ ମଧ୍ୟରେ ଇଣ୍ଟରନେଟ୍ ମାଧ୍ୟମ ପ୍ରଥମ ହେବ ବୋଲି ମଧ୍ୟ ଆକଳନ କରାଯାଇଛି । ତେଣୁ ଛାପା ବା ମୁଦ୍ରିତ ଗଣମାଧ୍ୟମ ଓ ବୈଦ୍ୟୁତିକ ଗଣମାଧ୍ୟମକୁ ବାଦ ଦେଇ ଆସନ୍ତା ଦିନଗୁଡ଼ିକରେ ଇଣ୍ଟରନେଟ୍ ମାଧ୍ୟମ ଏକ ବଳିଷ୍ଠ ମାଧ୍ୟମ ଭାବେ ପରିଗଣିତ ହେବ ଏହା ନିଃସନ୍ଦେହ ।

ତେଣୁ ମୋଟାମୋଟି ଭାବେ ଦେଖିବାକୁ ଗଲେ ସମୟ, ରୁଚି, ଅବସ୍ଥା, ଆବଶ୍ୟକତା ଆଦିକୁ ଦୃଷ୍ଟିରେ ରଖି ଓଡ଼ିଶାର ଗଣମାଧ୍ୟମରେ ମଧ୍ୟ ପରିବର୍ତ୍ତନ ହେବାରେ ଲାଗିଛି । ଯେଉଁ ଦେଶ ବା ରାଜ୍ୟ ବା ଭାଷାରେ ବିଭିନ୍ନ ପ୍ରକାରର ଗଣମାଧ୍ୟମ ଯେତେ ସୁଦୃଢ଼ ସେ ଭାଷା ବା ସେ ରାଜ୍ୟ ଓ ଦେଶ ସେତେ ଉନ୍ନତ ବା ବିକଶିତ ବୋଲି ଗଣାଯାଏ । ଏହି କ୍ରମରେ ଓଡ଼ିଶାର ଗଣମାଧ୍ୟମର ସାମ୍ପ୍ରତିକ ସ୍ଥିତି ବେଶ୍ ଉନ୍ନତ ଓ ସମୟ ତଥା ବିଶ୍ୱାୟନ ଓ ଜଗତୀକରଣ ପ୍ରକ୍ରିୟା ସହିତ ତାଳ ଦେଇ ସମପରିମାଣରେ ପରିବର୍ତ୍ତନଶୀଳ ହୋଇଛି । ଏହି ଧାରା ଜାରି ରହିଲେ ଓଡ଼ିଶାର ଗଣମାଧ୍ୟମ ଅଧିକ ସମୃଦ୍ଧ ଓ ସୁଦୃଢ଼ ହେବ ବୋଲି ଆଶା କରାଯାଇପାରେ ।

ପ୍ରତିନିଧି, 'ସୂର୍ଯ୍ୟପ୍ରଭା' ଏବଂ ମୁଖ୍ୟ ସଂଯୋଜକ
ଏ-୧୩୬, ସେକ୍ଟର-୧୫,
ରାଉରକେଲା-୭୬୯୦୦୩

❖ ❖ ❖